ଭାରତ ସଂଘ ଏବଂ ଅନ୍ୟମାନେ

*ବନାମ*

ନନ୍ଦୀ ପ୍ରିଣ୍ଟର୍ସ ପ୍ରାଇଭେଟ ଲିମିଟେଡ

11 ଜାନୁଆରୀ, 2001

[ବି. ଏନ୍. କିରପାଲ୍, ରୁମା ପଲ୍ ଏବଂ ବ୍ରିଜେଶ୍ କୁମାର, ନ୍ୟାୟମୂର୍ତ୍ତିବୃନ୍ଦ]

*କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ ଏବଂ ଲବଣ ଅଧିନିୟମ, 1944:*

*ଶୁଳ୍କ ତାଲିକାଭୁକ୍ତ ସାମଗ୍ରୀ ସଂଖ୍ୟା 68 - ଛାଡ଼ ଅଧିସୂଚନା - ମୁଦ୍ରିତ କାଗଜ ପେଟି - କ୍ଷୁଦ୍ର ଶିଳ୍ପ- ବର୍ଗୀକରଣ - କରଦାତା ତାସ୍ ତଥା ମୁଦ୍ରିତ କାଗଜ ପେଟି ତିଆରି କରୁଥିଲେ - ମୁଦ୍ରିତ କାଗଜ ପେଟିଗୁଡିକ ଉପରେ ଅବକାରୀ ଶୁଳ୍କ ଛାଡ଼ - ଯଦି ଏକାଧିକ ସୀମାଶୁଳ୍କ ଆଇଟମ୍ ଅଧୀନରେ ମୋଟ ମୂଲ୍ୟ ବୈଧାନିକ ସୀମା ଅତିକ୍ରମ କରେ, ତେବେ, ଛାଡ଼ର ଲାଭ ଉପଲବ୍ଧ ନୁହେଁ - କିନ୍ତୁ ତାସ୍ ଏବଂ ମୁଦ୍ରିତ କାଗଜ ପେଟି ଗୁଡ଼ିକର ମୋଟ ମୂଲ୍ୟକୁ ବିଚାରକୁ ନେଇ ଅବକାରୀ କର୍ତ୍ତୃପକ୍ଷ ନିର୍ଣ୍ଣୟ କରିଥିଲେ ଯେ କରଦାତା ଏକ କ୍ଷୁଦ୍ର ଶିଳ୍ପ ନୁହେଁ ଯାହା ତାସ୍ ଉପରେ ଅବକାରୀ ଶୁଳ୍କ ଛାଡ଼ ଦାବି କରିବାକୁ ହକଦାର - ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଆଜ୍ଞାଦେଶ ଆବେଦନକୁ ଅନୁମତି ପ୍ରଦାନ କରିଥିଲେ ଯେ ମୁଦ୍ରିତ କାଗଜ ପେଟି ସମ୍ବନ୍ଧରେ ନିକାଶକୁ ବିଚାରକୁ ନିଆଯାଇପାରିବ ନାହିଁ କାରଣ ସେଗୁଡିକୁ ଛାଡ଼ କରାଯାଇଥିଲା - ସଠିକତା - ନିର୍ଣ୍ଣୟ କରାଯାଇଥିଲା: ଯଦିଓ ଅବକାରୀ ଶୁଳ୍କର ଭିନ୍ନ ହାରକୁ ଆକର୍ଷିତ କରୁଥିଲା, ଉଭୟ ତାସ୍ ଏବଂ ମୁଦ୍ରିତ କାଗଜ ପେଟି ଅବକାରୀ ଶୁଳ୍କ ଲାଗୁ ହେଉଥିବା ସାମଗ୍ରୀ ଅଟନ୍ତି - କେବଳ ଏହି ତଥ୍ୟ ଯେ ମୁଦ୍ରିତ କାଗଜ ପେଟିଗୁଡିକ ଉପରେ ଶୁଳ୍କ ହାର ଶୂନ ଥିଲା, ଏହା ସେମାନଙ୍କୁ ଅଣ-ଅବକାରୀ ଶୁଳ୍କ ଯୋଗ୍ୟ ସାମଗ୍ରୀରେ ରୂପାନ୍ତରିତ କରେ ନାହିଁ - ତେଣୁ, ଅବକାରୀ କର୍ତ୍ତୃପକ୍ଷ ଯଥାର୍ଥ ଭାବରେ ନିର୍ଣ୍ଣୟ କରିଥିଲେ ଯେ କରଦାତା ଦୁଇଟି ସାମଗ୍ରୀର ମୂଲ୍ୟକୁ ଏକତ୍ର କରି ଛାଡ ଅଧିସୂଚନାର ଲାଭ ପାଇବାକୁ ହକଦାର ନୁହଁନ୍ତି - 19-6-1980 ତାରିଖର ଛାଡ଼ ଅଧିସୂଚନା ସଂଖ୍ୟା 80/80 ।*

**ଉତ୍ତରଦାତା ତାସ୍ ସହିତ ମୁଦ୍ରିତ କାଗଜ ପେଟି ତିଆରି କରୁଥିଲେ । 19-6-1980 ତାରିଖର ଅଧିସୂଚନା ସଂଖ୍ୟା 80/80 ଅନୁଯାୟୀ ମୁଦ୍ରିତ କାଗଜ ପେଟିଗୁଡ଼ିକୁ ଉତ୍ପାଦ ଶୁଳ୍କ ଲାଗୁରୁ ଛାଡ କରିଥିଲେ । ତେବେ, ସେହି ନିର୍ମାତାଙ୍କୁ ଉକ୍ତ ଅଧିସୂଚନା ଏହି ଲାଭ ପ୍ରଦାନ କରିବାରୁ**

ବଞ୍ଚିତ କରିଥିଲା, ଯାହାଙ୍କ ଉତ୍ପାଦ ଶୁଳ୍କ ସାମଗ୍ରୀ ଅନୁଯାୟୀ ଉତ୍ପାଦ ଶୁଳ୍କ ଲାଗୁ ଯୋଗ୍ୟ ସାମଗ୍ରୀଗୁଡିକ 20 ଲକ୍ଷ ଟଙ୍କାରୁ ଅଧିକ ଥିଲା ।

ଅବକାରୀ କର୍ତ୍ତୃପକ୍ଷ ଏହି ଉପସଂହାରରେ ଉପନୀତ ହୋଇଥିଲେ ଯେ ନିକାଶ ହୋଇଥିବା ସାମଗ୍ରୀର, ଅର୍ଥାତ୍, ତାସ୍ ଏବଂ ମୁଦ୍ରିତ କାଗଜ ପେଟିର ମୋଟ ମୂଲ୍ୟକୁ ବିଚାରକୁ ନେଇ ଉତ୍ତରଦାତାଙ୍କୁ ଏକ କ୍ଷୁଦ୍ର ଶିଳ୍ପ ଭାବରେ ବିବେଚନା କରାଯାଇପାରିବ ନାହିଁ କାରଣ ଉତ୍ତରଦାତାଙ୍କର କାରବାର 20 ଲକ୍ଷ ଟଙ୍କା ଅତିକ୍ରମ କରିଥିଲା । ସେଥିପାଇଁ, ତାସ୍ ଉପରେ ଅବକାରୀ ଟିକସ ପଇଠ କରିବାକୁ ଉତ୍ତରଦାତା ଆଇନତଃ ବାଧ୍ୟ ବୋଲି ନିର୍ଣ୍ଣୟ କରାଯାଇଥିଲା । ଉତ୍ତରଦାତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆଜ୍ଞାଦେଶ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଅନୁମତି ପ୍ରଦାନ କରିଥିଲେ ଯେ ମୁଦ୍ରିତ କାଗଜ ପେଟି ସମ୍ବନ୍ଧରେ ନିକାଶକୁ ବିଚାରକୁ ନିଆଯାଇପାରିବ ନାହିଁ । ସେଥିପାଇଁ ଏହି ଅପିଲ ।

ଏହି ନ୍ୟାୟାଳୟରେ ନିମ୍ନଲିଖିତ ପ୍ରଶ୍ନ ଉତ୍ଥାପିତ ହୋଇଥିଲା:-

ତାସ୍ ର ପ୍ରସ୍ତୁତି ଉପରେ ଉତ୍ପାଦ ଶୁଳ୍କ ଲାଗୁ କରିବା ଉଦ୍ଦେଶ୍ୟରେ ଉତ୍ତରଦାତାଙ୍କୁ ଏକ କ୍ଷୁଦ୍ର ଶିଳ୍ପ ଭାବେ ବିବେଚନା କରାଯାଇପାରିବ କି ନାହିଁ?

ଅପିଲକୁ ଅନୁମତି ପ୍ରଦାନ କରି, ନ୍ୟାୟାଳୟ

ନିର୍ଣ୍ଣୟ କରିଥିଲେ: 1.1. ଉଚ୍ଚ ନ୍ୟାୟାଳୟ ଏହି ତଥ୍ୟକୁ ଅଣଦେଖା କରିଥିଲେ ଯେ 19-6-1980 ତାରିଖର ଛାଡ଼ ଅଧିସୂଚନାର ଖଣ୍ଡ (2) ସେହି ଉତ୍ପାଦନକାରୀଙ୍କୁ ଉକ୍ତ ଅଧିସୂଚନାର ଲାଭକୁ ପ୍ରତ୍ୟାଖ୍ୟାନ କରିଥିଲା ଯାହାଙ୍କ ଏକରୁ ଅଧିକ ଦ୍ରବ୍ୟ ଅଧୀନରେ ଆସୁଥିବା ଉତ୍ପାଦ ଶୁଳ୍କ ଲାଗୁଯୋଗ୍ୟ ସାମଗ୍ରୀଗୁଡିକ 20 ଲକ୍ଷ ଟଙ୍କାରୁ ଅଧିକ ଥିଲା । [332-C]

1.2. ଏହା ସତ୍ୟ ଯେ ମୁଦ୍ରିତ କାଗଜ ପେଟିଗୁଡିକ 19-6-1980 ତାରିଖର ଉକ୍ତ ଅଧିସୂଚନା ଦ୍ୱାରା ବିଚାର କରାଯାଇଥିବା ନିର୍ଦ୍ଦିଷ୍ଟ ଦ୍ରବ୍ୟ ନୁହେଁ, କିନ୍ତୁ ଉକ୍ତ ଅଧିସୂଚନାର ଖଣ୍ଡ (2) ପ୍ରଥମ ଅନୁସୂଚୀର ଏକାଧିକ ସାମଗ୍ରୀ ଅଧୀନରେ ଆସୁଥିବା ଉତ୍ପାଦ ଶୁଳ୍କ ଲାଗୁଯୋଗ୍ୟ ସାମଗ୍ରୀଗୁଡିକୁ ସୂଚିତ କରେ । ଯଦିଓ ପ୍ରତ୍ୟେକ ସାମଗ୍ରୀ ଉପରେ ଶୁଳ୍କ ହାର ଭିନ୍ନ ହୋଇପାରେ, ଉଭୟ, ଶୁଳ୍କ ତାଲିକାଭୁକ୍ତ ସାମଗ୍ରୀ 56 ଅଧୀନରେ ଆସୁଥିବା ତାସ୍ ଏବଂ ଶୁଳ୍କ ତାଲିକାଭୁକ୍ତ ସାମଗ୍ରୀ 68 ଅଧୀନରେ ଆସୁଥିବା ମୁଦ୍ରିତ କାଗଜ ପେଟିଗୁଡ଼ିକ ଉତ୍ପାଦ ଶୁଳ୍କ ଲାଗୁଯୋଗ୍ୟ ସାମଗ୍ରୀ ଅଟେ । ଏକ ଛାଡ଼ ଅଧିସୂଚନା କାରଣରୁ ମୁଦ୍ରିତ କାଗଜ ପେଟି ଉପରେ ଶୁଳ୍କ ହାର ଶୂନ୍ୟ

**ଥିଲା, କେବଳ ଏହି ତଥ୍ୟଟି ମୁଦ୍ରିତ କାଗଜ ପେଟିକୁ ଅଣ-ଉତ୍ପାଦ ଶୁଳ୍କ ଲାଗୁଯୋଗ୍ୟ ସାମଗ୍ରୀରେ ପରିଣତ କରିବ ନାହିଁ ।ତେଣୁ ଅବକାରୀ କର୍ତ୍ତୃପକ୍ଷ ଦୁଇଟି ସାମଗ୍ରୀର କାରବାର ମୂଲ୍ୟକୁ ଏକତ୍ର କରିବାରେ ଠିକ୍ ଥିଲେ ଏବଂ ଏହି ଉପସଂହାରରେ ଉପନୀତ ହୋଇଥିଲେ ଯେ ଉତ୍ତରଦାତା ଏକ କ୍ଷୁଦ୍ର ଶିଳ୍ପ ନଥିଲା ଯାହା ତାସ୍ ର ନିକାଶ ସମ୍ବନ୍ଧରେ 19-6-1980 ତାରିଖର ଅଧିସୂଚନାର ଲାଭ ପାଇବାକୁ ହକଦାର ଥିଲା । [332-E-F-G]**

*CCE* **ବନାମ** *ୱଜିର ସୁଲତାନ ଟୋବାକୋ କମ୍ପାନୀ ଲିମିଟେଡ,* **[1996] 83 ELT 3 ଏବଂ** *ୱାଲେସ ଫ୍ଲୋର ମିଲ୍ସ କମ୍ପାନୀ* **ବନାମ** *CCE,* **1989] 44 ELT 598, ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 392/1992 ।

WA 760/1989ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର 13.3.1991 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପକ୍ଷରୁ ପି. ପରମେଶ୍ୱରନଙ୍କ ପାଇଁ ସୁଶ୍ରୀ ନିଶା ବାଗଚି ଏବଂ ଉତ୍ତରଦାତାଙ୍କ ପକ୍ଷରୁ ଏସ୍. ମୁରଲୀଧରଙ୍କ ପାଇଁ ନନ୍ଦ କିଶୋର ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ କିରପାଲଙ୍କ ଦ୍ୱାରା** । ଏଠାରେ ଉତ୍ତରଦାତା ତାଙ୍କ ଛପାକଳରେ ତାସ୍ ତଥା ମୁଦ୍ରିତ କାଗଜ ପେଟି ଉତ୍ପାଦନ କରନ୍ତି । ଶୁଳ୍କ ଅଧିନିୟମର ତାଲିକାଭୁକ୍ତ ସାମଗ୍ରୀ 56 ଅଧୀନରେ ତାସ୍ ଆସେ, ଯେତେବେଳେ କି ମୁଦ୍ରିତ କାଗଜ ପେଟି ତାଲିକାଭୁକ୍ତ ସାମଗ୍ରୀ 68 ଅଧୀନରେ ଅନ୍ତର୍ଭୁକ୍ତ ଅଟେ । ଏହି ଅପିଲରେ ବିଚାର ପାଇଁ ପ୍ରଶ୍ନ ହେଉଛି ଯେ ମୁଦ୍ରିତ ତାସ୍ ର ଉତ୍ପାଦନ ଉପରେ ଉତ୍ପାଦ ଶୁଳ୍କ ଲାଗୁ ଉଦ୍ଦେଶ୍ୟରେ ଉତ୍ତରଦାତାଙ୍କୁ ଏକ କ୍ଷୁଦ୍ର ଶିଳ୍ପ ଭାବରେ ବିବେଚନା କରାଯାଇପାରିବ କି ନାହିଁ । ଏହି ପ୍ରଶ୍ନର ଉତ୍ତର ଏହା ଉପରେ ନିର୍ଭର କରେ ଯେ ମୁଦ୍ରିତ କାଗଜ ପେଟିର ମୂଲ୍ୟକୁ ବିଚାରକୁ ନିଆଯାଇପାରିବ କି, ଯଦିଓ ଅଧିସୂଚନା ସଂଖ୍ୟା 89/79 ଦ୍ୱାରା ମୁଦ୍ରିତ କାଗଜ ପେଟିର ଉତ୍ପାଦନ ଉପରେ ଉତ୍ପାଦ ଶୁଳ୍କକୁ ଛାଡ଼ କରାଯାଇଥିଲା ।

ଅବକାରୀ କର୍ତ୍ତୃପକ୍ଷ ଏହି ଉପସଂହାରରେ ଉପନୀତ ହୋଇଥିଲେ ଯେ ନିକାଶ ହୋଇଥିବା ସାମଗ୍ରୀର, ଅର୍ଥାତ୍, ତାସ୍ ଏବଂ ମୁଦ୍ରିତ କାଗଜ ପେଟିର ମୋଟ ମୂଲ୍ୟକୁ ବିଚାରକୁ ନେଇ

ଉତ୍ତରଦାତାଙ୍କୁ ଏକ କ୍ଷୁଦ୍ର ଶିଳ୍ପ ଭାବରେ ବିବେଚନା କରାଯାଇପାରିବ ନାହିଁ । ଉତ୍ତରଦାତାଙ୍କୁ ଜାରି କରାଯାଇଥିବା କାରଣ ଦର୍ଶାଅ ଅଧିସୂଚନାରେ ମଧ୍ୟ ଏହା ଦର୍ଶାଯାଇଥିଲା ଏବଂ ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଥିଲା ଯେ ପୂର୍ବବର୍ତ୍ତୀ ଆର୍ଥିକ ବର୍ଷରେ, ଅର୍ଥାତ୍ 1979-80 ବର୍ଷରେ, ଉତ୍ତରଦାତାଙ୍କର କାରବାର 20 ଲକ୍ଷ ଟଙ୍କାକୁ ଟପି ଯାଇଥିଲା । ଅବକାରୀ କର୍ତ୍ତୃପକ୍ଷଙ୍କ ନିର୍ଣ୍ଣୟକୁ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆଜ୍ଞାଦେଶ ଆବେଦନ ମାଧ୍ୟମରେ ଆପତ୍ତି କରାଯାଇଥିଲା । ଏକକ ବିଚାରପତି ଏବଂ ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ମତ ପ୍ରଦାନ କରିଥିଲେ ଯେ 19.6.1980 ତାରିଖର ଅଧିସୂଚନା ସଂଖ୍ୟା 80/80 ର ଲାଭ ପାଇବାକୁ ଉତ୍ତରଦାତା ହକଦାର ଥିଲେ ଏବଂ ତାସ୍ ସମ୍ବନ୍ଧରେ କୌଣସି ଉତ୍ପାଦ ଶୁଳ୍କ ଦେବାକୁ ପଡ଼ିବ ନାହିଁ କାରଣ ତାସ୍ ର ନିକାଶର ମୋଟ ମୂଲ୍ୟ 20 ଲକ୍ଷ ଟଙ୍କାରୁ କମ୍ ଥିଲା, କାରଣ ଉଚ୍ଚ ନ୍ୟାୟାଳୟଙ୍କ ମତରେ, ମୁଦ୍ରିତ କାଗଜ ପେଟିଗୁଡ଼ିକ ସମ୍ବନ୍ଧରେ ନିକାଶକୁ ବିଚାରକୁ ନିଆଯାଇପାରିବ ନାହିଁ । ସେଥିପାଇଁ ଏହି ଅପିଲ ।

19.6.1980 ତାରିଖର ଉପରୋକ୍ତ ଅଧିସୂଚନାରେ ଉଲ୍ଲେଖ ରହିଛି ଯେ, ସଂଲଗ୍ନ ସାରଣୀର ସ୍ତମ୍ଭ (3) ରେ ଉଲ୍ଲେଖ କରାଯାଇଥିବା ଉତ୍ପାଦ ଶୁଳ୍କ ଲାଗୁଯୋଗ୍ୟ ସାମଗ୍ରୀ, ଯେଉଁ ଉତ୍ପାଦ ଶୁଳ୍କ ଲାଗୁଯୋଗ୍ୟ ସାମଗ୍ରୀଗୁଡିକୁ 'ନିର୍ଦ୍ଦିଷ୍ଟ ସାମଗ୍ରୀ' ଭାବରେ ଉଲ୍ଲେଖ କରାଯାଇଛି, ସେଗୁଡିକ ଉକ୍ତ ଅଧିସୂଚନାରେ ଉଲ୍ଲେଖିତ ସର୍ତ୍ତାବଳୀଗୁଡିକ ଅନୁଯାୟୀ ଘରୋଇ ବ୍ୟବହାର ପାଇଁ ଅନୁମତି ପାଇଲେ ଉତ୍ପାଦ ଶୁଳ୍କ ଆଦାୟରୁ ମୁକ୍ତ ହେବ । ଏହାର ଖଣ୍ଡ (2) ଅଧୀନରେ ଆସୁଥିବା ମାମଲାରେ ଏହି ଅଧିସୂଚନା ଲାଗୁ ହେବ ନାହିଁ ଯାହା ନିମ୍ନରେ ପ୍ରଦାନ କରାଯାଇଛି:

"2. ଏହି ଅଧିସୂଚନାରେ ଥିବା କୌଣସି ବିଷୟ ନିର୍ମାତାଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ:

(i) ଯଦି ପୂର୍ବ ଆର୍ଥିକ ବର୍ଷରେ, ତାଙ୍କ ଦ୍ୱାରା କିମ୍ବା ତାଙ୍କ ତରଫରୁ, ଗୃହ ବ୍ୟବହାର ପାଇଁ, ଏକ କିମ୍ବା ଅଧିକ କାରଖାନାରୁ, ନିର୍ଦ୍ଦିଷ୍ଟ ସାମଗ୍ରୀର ନିକାଶର ମୋଟ ମୂଲ୍ୟ, ଯଦି କିଛି ଥାଏ, ପନ୍ଦର ଲକ୍ଷ ଟଙ୍କାରୁ ଅଧିକ ଥିଲା;

(ii) ଯିଏ ଉକ୍ତ ପ୍ରଥମ ଅନୁସୂଚୀର ଏକାଧିକ ସାମଗ୍ରୀ ସଂଖ୍ୟା ଅଧୀନରେ ଆସୁଥିବା ଉତ୍ପାଦ ଶୁଳ୍କ ଲାଗୁଯୋଗ୍ୟ ସାମଗ୍ରୀ ନିର୍ମାଣ କରନ୍ତି ଏବଂ ପୂର୍ବ ଆର୍ଥିକ ବର୍ଷରେ ଗୋଟିଏ କିମ୍ବା ଅଧିକ କାରଖାନାରୁ ଘରୋଇ ବ୍ୟବହାର ପାଇଁ ତାଙ୍କ ଦ୍ୱାରା କିମ୍ବା ତାଙ୍କ ପକ୍ଷରୁ

ସମସ୍ତ ଉତ୍ପାଦ ଶୁଳ୍କ ଲାଗୁଯୋଗ୍ୟ ସାମଗ୍ରୀର ନିକାଶର ମୋଟ ମୂଲ୍ୟ କୋଡ଼ିଏ ଲକ୍ଷ ଟଙ୍କା ଅତିକ୍ରମ କରିଥିଲା ।"

ବାସ୍ତବରେ, ଏଥିରେ କୌଣସି ବିବାଦ ନାହିଁ ଯେ ପୂର୍ବ ବର୍ଷ 1979-80 ରେ ତାସ୍ ପାଇଁ 14, 11, 467.35 ଟଙ୍କାର ନିକାଶ ହୋଇଥିବା ବେଳେ ମୁଦ୍ରିତ କାଗଜ ପେଟି ସମ୍ବନ୍ଧରେ ଏହି ସଂଖ୍ୟା 10, 93, 846.04 ଟଙ୍କା ଥିଲା । ଯେପରି ପୂର୍ବରୁ ଲକ୍ଷ୍ୟ କରାଯାଇଛି, ଛାଡ଼ ଅଧିସୂଚନା ସଂଖ୍ୟା 89/79 କୁ ଦୃଷ୍ଟିରେ ରଖି ଏହି 10, 93, 846.04 ଟଙ୍କାର ମୂଲ୍ୟ ଉପରେ କୌଣସି ଉତ୍ପାଦ ଶୁଳ୍କ ଲାଗୁ କରାଯାଇନଥିଲା ।

ଉଚ୍ଚ ନ୍ୟାୟାଳୟ ଏହି ତଥ୍ୟକୁ ଅଣଦେଖା କରିଥିବା ପରି ମନେହୁଏ ଯେ 19.6.1980 ତାରିଖର ଅଧିସୂଚନାର ଖଣ୍ଡ (2) ଜଣେ ଉତ୍ପାଦନକାରୀଙ୍କୁ ଉକ୍ତ ଅଧିସୂଚନାର ଲାଭ ପହଞ୍ଚାଇବାରୁ ବାରଣ କରିଥାଏ ଯାହାଙ୍କର ଏକରୁ ଅଧିକ ସାମଗ୍ରୀ ଅଧୀନରେ ଆସୁଥିବା ଉତ୍ପାଦ ଶୁଳ୍କ ଲାଗୁଯୋଗ୍ୟ ସାମଗ୍ରୀର ମୂଲ୍ୟ 20 ଲକ୍ଷ ଟଙ୍କାରୁ ଅଧିକ ହୋଇଥାଏ । *ୱାଲେସ୍ ଫ୍ଲୋର ମିଲ୍ସ କମ୍ପାନୀ* ବନାମ *କଲେକ୍ଟର ଅଫ୍ ସେଣ୍ଟ୍ରାଲ୍ ଏକ୍ସାଇଜ୍,* [1989] 44 ELT 598 ମାମଲାରେ ଏକ ପୂର୍ବ ନିର୍ଣ୍ଣୟକୁ ଉଲ୍ଲେଖ କରୁଥିବା ବେଳେ ପୃଷ୍ଠା 10 ରେ ଥିବା *କଲେକ୍ଟର ଅଫ୍ ସେଣ୍ଟ୍ରାଲ୍ ଏକ୍ସାଇଜ୍, ହାଇଦ୍ରାବାଦ* ବନାମ *ଓଜିର ସୁଲତାନ ଟୋବାକୋ କମ୍ପାନୀ ଲିମିଟେଡ୍,* [1996] 83 ELT 3 ମାମଲାରେ ଏହି ଅଦାଲତ ମତବ୍ୟକ୍ତ କରିଥିଲେ ଯେ ଯଦି ଏକ ଛାଡ ଅଧିସୂଚନା ଅନୁଯାୟୀ ଶୁଳ୍କ ହାର ଶୂନକୁ ହ୍ରାସ କରାଯାଏ, ତେବେ ଶୁଳ୍କ ଅଧିନିୟମରେ ନିର୍ଦ୍ଦିଷ୍ଟ ହୋଇଥିବା ସାମଗ୍ରୀଗୁଡିକୁ ତଥାପି ଉତ୍ପାଦ ଶୁଳ୍କ ଲାଗୁଯୋଗ୍ୟ ସାମଗ୍ରୀ ଭାବରେ ବିବେଚନା କରାଯିବ ଯାହା ଉପରେ ଶୂନ ଶୁଳ୍କ ହାର ପଇଠ କରାଯିବ । *ଭି କାୟନ୍ ଇଣ୍ଡଷ୍ଟ୍ରିଜ୍* ବନାମ *କଲେକ୍ଟର ଅଫ୍ ସେଣ୍ଟ୍ରାଲ୍ ଏକ୍ସାଇଜ୍, ଚଣ୍ଡିଗଡ଼,* [1996] 83 ELT262 ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟର ସମାନ ପ୍ରଭାବ ରହିବ ।

ଏହା ସତ୍ୟ ଯେ ମୁଦ୍ରିତ କାଗଜ ପେଟିଗୁଡିକ 19-6-1980 ତାରିଖର ଉକ୍ତ ଅଧିସୂଚନା ଦ୍ୱାରା ବିଚାର କରାଯାଇଥିବା ନିର୍ଦ୍ଦିଷ୍ଟ ଦ୍ରବ୍ୟ ନୁହେଁ, କିନ୍ତୁ ଉକ୍ତ ଅଧିସୂଚନାର ଖଣ୍ଡ (2) ପ୍ରଥମ ଅନୁସୂଚୀର ଏକାଧିକ ସାମଗ୍ରୀ ଅଧୀନରେ ଆସୁଥିବା ଉତ୍ପାଦ ଶୁଳ୍କ ଲାଗୁଯୋଗ୍ୟ ସାମଗ୍ରୀଗୁଡିକୁ ସୂଚିତ କରେ । ଯଦିଓ ପ୍ରତ୍ୟେକ ସାମଗ୍ରୀ ଉପରେ ଶୁଳ୍କ ହାର ଭିନ୍ନ ହୋଇପାରେ, ଉଭୟ, ତାଲିକାଭୁକ୍ତ ସାମଗ୍ରୀ 56 ଅଧୀନରେ ଆସୁଥିବା ତାସ୍ ଏବଂ ତାଲିକାଭୁକ୍ତ ସାମଗ୍ରୀ 68 ଅଧୀନରେ ଆସୁଥିବା ମୁଦ୍ରିତ କାଗଜ ପେଟିଗୁଡ଼ିକ ଉତ୍ପାଦ ଶୁଳ୍କ ଲାଗୁଯୋଗ୍ୟ ସାମଗ୍ରୀ ଅଟେ । ଏକ ଛାଡ଼

ଅଧିସୂଚନା କାରଣରୁ ମୁଦ୍ରିତ କାଗଜ ପେଟି ଉପରେ ଶୁଳ୍କ ହାର ଶୂନ୍ୟ ଥିଲା, କେବଳ ଏହି ତଥ୍ୟଟି ମୁଦ୍ରିତ କାଗଜ ପେଟିକୁ ଅଣ-ଉତ୍ପାଦ ଶୁଳ୍କ ଲାଗୁଯୋଗ୍ୟ ସାମଗ୍ରୀରେ ପରିଣତ କରିବ ନାହିଁ । ତେଣୁ ଅବକାରୀ କର୍ତ୍ତୃପକ୍ଷ ଦୁଇଟି ସାମଗ୍ରୀର କାରବାର ମୂଲ୍ୟକୁ ଏକତ୍ର କରିବାରେ ଠିକ୍ ଥିଲେ ଏବଂ ଏହି ଉପସଂହାରରେ ଉପନୀତ ହୋଇଥିଲେ ଯେ ଉତ୍ତରଦାତା ଏକ କ୍ଷୁଦ୍ର ଶିଳ୍ପ ନଥିଲା ଯାହା ତାସ୍ ର ନିକାଶ ସମ୍ବନ୍ଧରେ 19-6-1980 ତାରିଖର ଅଧିସୂଚନାର ଲାଭ ପାଇବାକୁ ହକଦାର ଥିଲା ।

ଉପରୋକ୍ତ କାରଣଗୁଡିକ ପାଇଁ, ଏହି ଅପିଲକୁ ଅନୁମତି ପ୍ରଦାନ କରାଯାଇଛି ଏବଂ ଏକକ ବିଚାରପତି ତଥା ଦୁଇ ଜଣିଆ ବିଚାରପତିଙ୍କ ବିଚରପୀଠଙ୍କର ରାୟକୁ ଖାରଜ କରାଯାଇଛି ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ କରାଯିବ ନାହିଁ ।

ଭି.ଏସ୍. ଏସ୍. ଅପିଲକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ